# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା- ୬୯/୨୬

**ଜିଲ୍ଲା-ଭଦ୍ରକ** ତା.୨୮.୦୮.୨୦୨୬

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 2026-08-29 | 22 | 34 | 28 | 6 | 86 | 61 | 15 | 262 |
| | 2026-08-30 | 36 | 34 | 28 | 7 | 89 | 61 | 12 | 252 |
| | 2026-08-31 | 63 | 34 | 28 | 8 | 86 | 61 | 14 | 280 |
| | 2026-09-01 | 16 | 32 | 27 | 8 | 87 | 70 | 17 | 293 |
| | 2026-09-02 | 17 | 30 | 26 | 8 | 92 | 73 | 16 | 286 |

**ପାଣିପାଗ ପୂର୍ବାନୁମାନ (ତା.୦୨.୦୯.୨୦୨୬ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ ଆଗାମୀ **୫ ଦିନ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି ।** ପବନର ବେଗ ୧୨-୧୬ କିମି/ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୦-୩୪°C ଏବଂ ୨୬-୨୮°C ରହିବାର ସମ୍ଭାବନା ରହିଛି |

ଚେତାବନୀ – ଜିଲ୍ଲାରେ ଆଗାମୀ 5 ଦିନ ପାଇଁ ପ୍ରବଳ ବର୍ଷା; ଘଡ଼ଘଡ଼ି ଏବଂ ବିଜୁଳି, ଝଡ଼ ଇତ୍ୟାଦି ହୋଇପାରେ(କମଳା ଚେତାବନୀ)।

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| ସାଧାରଣ ଉପଦେଶ | ➢ ଆଗାମୀ ଦିନରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଚାଷୀମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ<br>➢ କୃଷକମାନେ ଧାନ ଫସଲରେ ଜଳସ୍ତର ବଜାୟ ରଖନ୍ତୁ ଏବଂ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ର ମୋଡାପୋକ ଏବଂ ଦହିଆ ପୋକ ଆକ୍ରମଣ ଉପରେ ନଜର ରଖିବାକୁ ପରାମର୍ଶ।<br>➢ ଫଳ ଓ ପନିପରିବା ଫସଲରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।<br>➢ ସ୍ମାର୍ଟ ଫୋନ୍ ଧାରକମାନେ ମେଘଦୂତ ଏବଂ ଡାମିନି ଆପ୍ ଠାରୁ ପାଣିପାଗ ସୂଚନା ମଧ ପାଇପାରିବେ \|<br>➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୋରୁ ଗୁହାଳକୁ ସଫା ରଖନ୍ତୁ। | |
| ସଂକ୍ଷିପ୍ତ ଉପଦେଶ | ➢ ବର୍ତ୍ତମାନର ପାଗରେ ଧାନ ଏବଂ ପନିପରିବାରେ ରୋଗ ଓ ପୋକ ବୃଦ୍ଧି ହେଇପାରେ ତେଣୁ ନିୟମିତ କ୍ଷେତ ନିରୀକ୍ଷଣ ପାଇଁ ଚାଷୀଙ୍କୁ ପରାମର୍ଶ। | |
| ଫସଲର ନାମ | ଫସଲର ଅବସ୍ତା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ରୋପଣ | ➢ ଯଦି ବନ୍ୟା ଦ୍ବାରା ଧାନ ନଷ୍ଟ ହେଇଥାଏ ,କୃଷକମାନେ କାଦୁଅ ଛାଟବୁଣା /ଓଦା ବିହନ ବୁଣା ପଦ୍ଧତି (Wet DSR) ଅବଲମ୍ବନ କରନ୍ତୁ। ଏହି ପଦ୍ଧତିରେ ଚାଷ କରାଯାଇଥିବା ଧାନ ଫସଲ ସାଧାରଣ ରୋପଣ ପଦ୍ଧତି ତୁଳନାରେ ପ୍ରାୟ ୧୦ ଦିନ ପୂର୍ବରୁ ପରିପକ୍ୱ ହୋଇଥାଏ। ଅଙ୍କୁରିତ ବିହନକୁ ବାଲି ସହ ମିଶାଇ ବୁଣିବାକୁ ପରାମର୍ଶ ,ଯାହାଦ୍ୱାରା ବିହନ ସମାନ ଭାବରେ କ୍ଷେତରେ ବିସ୍ତାରିତ ହୋଇପାରିବ। ବିହନ ହାର: ୨୫–୩୦ କିଲୋଗ୍ରାମ ପ୍ରତି ହେକ୍ଟର<br>➢ ବର୍ଷା ଜଳକୁ ବିନିଯୋଗକରି ରୁଆ କାମ ଶୀଘ୍ର ଶେଷ କରନ୍ତୁ ।<br>➢ ଜମିକୁ ଭଲ ଭାବେ କାଦୁଅ କରି ମୂଳସାର ହିସାବରେ (ସବୁତକ ଫସଫରସ(୩୫-୪୫ କି.ଗ୍ରା.)/ଏକର ଓ ୫୦% ପଟାସ (୨୦-୨୫ କି.ଗ୍ରା.)/ଏକର ସାର ଏବଂ ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର) ପ୍ରୟୋଗ କରନ୍ତୁ ।<br>➢ ଘାସ ଦମନ/ତୃଣକ ପରିଚାଳନା ପାଇଁ ବିସ୍-ପିରିବିକ୍ Na @୮୦-୧୦୦ ml / ଏକର ରୁଆ ପରେ ୧୫-୨୦ ଦିନ ମଧ୍ୟରେ କିମ୍ବ ପାଇରାଜ୍ୟ ସଲଫୁରଣ ଇଥାଇଲ @୮୦-୧୦୦ ଗ୍ରାମ /ଏକର ସ୍ପ୍ରେ କରନ୍ତୁ।<br>➢ ଧାନରେ କାଣ୍ଡ ବିନ୍ଧା ପୋକ ଓ ରୋଗ ଆକ୍ରମଣକୁ ହ୍ରାସ କରିବା ପାଇଁ ଟ୍ରାଇସାଇକ୍ଲାଜୋଲ ଏବଂ ପ୍ଲାଣ୍ଟୋମାଇସିନ୍ @୧ ଗ୍ରାମ/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| | | ➢ କ୍ଷତିଗ୍ରସ୍ତ ଚାରାକୁ ବର୍ଷା କମିବା ପରେ ୨–୩ ଦିନ ମଧ୍ୟରେ ପୁନଃରୋପଣ କରନ୍ତୁ।<br>➢ ଧାନ ଚାରାର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମୁଦାୟ ଭିତ୍ତିକ ନର୍ସରୀ (Community Nursery) ପ୍ରତିଷ୍ଠା କରନ୍ତୁ। |
| ନଳିତା /ଝୋଟ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ କିଆରୀରେ ଅଧିକ ପାଣି ଜମି ରହିଲେ ଝୋଟର ମାନ ହ୍ରାସ ପାଏ । ତେଣୁ ଆବଶ୍ୟକ ମୁତାବକ ପାଣି ରଖି ବଳକା ପାଣି କାଟି ଦିଅନ୍ତୁ ।<br>➢ ନଳିତା ଗଛ ଅଧିକ ଲମ୍ବା ହେବା ପାଇଁ ଅନ୍ତଃଚାଷ ସମୟରେ ଶାଖା ପ୍ରଶାଖା ଗୁଡିକୁ ଭଲ ଭାବେ ଛିଣ୍ଡାଇ ଦିଅନ୍ତୁ।<br>➢ ବର୍ତମାନ ବର୍ଷା ଯୋଗୁ ନଳିତାରେ ତୃଣକ ଜନସଙ୍ଖ୍ୟାକୁ ବୃଦ୍ଧି କରିବ, ଘାସକୁ ନିୟନ୍ତ୍ରଣ କରିବା ପାଇଁ କୁଇଜଲଫପ-ପେଥିଲ 2 ମି.ଲି /ଲିଟର ପାଣି ପ୍ରୟୋଗ କରନ୍ତୁ। |
| ପନିପରିବା | ନର୍ସରୀ/ଫଳ ଅବସ୍ଥା | ❖ ଭେଣ୍ଡି ଫସଲରେ ପତ୍ର ଦାଗ ରୋଗ ନିୟନ୍ତ୍ରଣ କରିବା ପାଇଁ ଫସଲ ରେ Potash ସାର ଏକର ପ୍ରତି 12kg ପ୍ରୟୋଗ କରନ୍ତୁ କିମ୍ବା Azoxystrobin 23% SC ଲିଟର ପ୍ରତି ୧ ମିଲି କିମ୍ବା (Hexaconazole 5%+Captan 70%WP )ଲିଟର ପ୍ରତି ୨ ଗ୍ରାମ କିମ୍ବା (Carbendazim 12% + Mancozeb 63% WP) ଲିଟର ପ୍ରତି ୨ ଗ୍ରାମ ହିସାବରେ ସ୍ପ୍ରେ କରନ୍ତୁ।<br>➢ ଭେଣ୍ଡି ଗଛ ରେ ଶାହେବୀ ରୋଗ ନିୟନ୍ତ୍ରଣ କରିବା ପାଇଁ ଅଧିକ ଆକ୍ରାନ୍ତ ପତ୍ର କୁ ଛିଣ୍ଡାଇ ପୋତି ଦିଅନ୍ତୁ। ହଳଦିଆ ଅଠାଳିଆ କାର୍ଡ ଏକର ପ୍ରତି 15 ଟି ବ୍ୟବହାର କରନ୍ତୁ।Potash ସାର ଗୁଣ୍ଠ ପ୍ରତି 500gm ହିସାବରେ ପ୍ରୟୋଗ କରନ୍ତୁ।Diafenthiuron 50%WP ଲିଟର ପ୍ରତି 2gm କିମ୍ବା Dinotefuran 20%WG ଲିଟର ପ୍ରତି 0.5gm ହିସାବରେ ଅପରାହ୍ନରେ ସ୍ପ୍ରେ କରନ୍ତୁ ।ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ। |
| ଫଳ | ଫଳ ଅବସ୍ଥା | ❖ ଅଗଷ୍ଟ ମାସ ଆମ୍ବ ରୋପଣର ଆଦର୍ଶ ସମୟ \|ଉପଯୁକ୍ତ କିସମଗୁଡିକ ହେଉଛି ଅମ୍ରାପାଲୀ, ଦୁସେହେରୀ, ଚଉସା, ବାଗାନପାଲ୍ଲୀ, ଟୋଟାପୁରୀ, ବମ୍ବେ ସବୁଜ, ସୁଭର୍ଣ୍ଣରେଖା, ହିମସାଗର ଇତ୍ୟାଦି \|<br>❖ 10 ମିଟର X 10 ମିଟର ଦୂରରେ ଗର୍ତ୍ତରେ ଲଗାଯିବା ଉଚିତ୍ \| ଗର୍ତ୍ତର ଆକାର ହେଉଛି 1m X 1m X 1m ।ଏକ ବର୍ଷ ପୁରୁଣା ସୁସ୍ଥ ଗ୍ରାଫ୍ଟେଡ୍ ପ୍ଲାଣ୍ଟକୁ ପସନ୍ଦ କରାଯିବା ଉଚିତ୍ \| ଦୁଇଟି ଟୋକେଇ କମ୍ପୋଷ୍ଟ ଲଗାଇବା ସମୟରେ, 80 g N, 100 g P2O5 ଏବଂ 60 g K2O ସାର ପ୍ରୟୋଗ କରାଯିବା ଉଚିତ୍। |
| ପଶୁପାଳନ | | ➢ ଯଦି ପଶୁମାନଙ୍କୁ ଏଫଏମଡି, ହେମୋରେଜିକ୍ ସେପ୍ଟିକେମିଆ, ବ୍ଲାକ୍ କ୍ୱାର୍ଟର୍, ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ଏହା କରିବା ଜରୁରୀ \|<br>➢ ବର୍ଷା ଋତୁରେ ଟିଙ୍କ ଏବଂ ଉକୁଣି ଭଳି ଏକୋପାରାସାଇଟ୍ ଆକ୍ରାନ୍ତରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital